# NATIONAL NEWS BULLETIN (ODIA)

**29 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୫୦ ବର୍ଷ ମଧ୍ୟରେ ସିକ୍କିମ ପ୍ରକୃତି ଏବଂ ପ୍ରଗତିର ମୁଳଦୁଆ ପାଲଟିଛି - କହିଲେ ପ୍ରଧାନମନ୍ତ୍ରୀ ।

- ଆଭାସୀ ଜରିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ଶ୍ରୀ ମୋଦୀ ।

- ରାଷ୍ଟ୍ରୀୟ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ଉଭା ହୋଇଛି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ - କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ।

- ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ବିଭିନ୍ନ ଦେଶକୁ ଅବଗତ କରାଉଛନ୍ତି ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ପ୍ରଥମ କ୍ୱାଲିଫାୟର୍‌ରେ ଆଜି ମୁହାଁମୁହିଁ ହେବେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ୍ ।

# ପିଏମ୍-ଷ୍ଟେଟ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସିକ୍କିମ ଏବଂ ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ଧାରାରେ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି । ଆଜି 'ସିକ୍କିମର ୫୦ବର୍ଷ ପ୍ରୟୋଜନମୂଳକ ପ୍ରଗତି ଏବଂ ପ୍ରକୃତି ସହିତ ବିକାଶ' ସମ୍ପର୍କିତ ବିଷୟ ଉପରେ ଆଧାରିତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ସିକ୍କିମର ବିକାଶ ଲାଗି ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାର ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି ଆଗାମୀ ଦିନରେ ସିକ୍କିମ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପରିଣତ ହେବାକୁ ଯାଉଛି । ଶ୍ରୀ ମୋଦୀ କହିଛନ୍ତି ସିଭୋକେ-ରୋଙ୍ଗୋପୋ ରେଳଲାଇନ୍ ସିକ୍କିମ ସହ ଯୋଗାଯୋଗ ସ୍ଥାପନ କରିବ ଏବଂ ଗତ ୧୦ବର୍ଷ ମଧ୍ୟରେ ହୋଇଥିବା ୪୦୦ କିଲୋମିଟରରୁ ଅଧିକ ନୂଆ ଜାତୀୟ ରାଜପଥ ନିର୍ମାଣ ଏହାକୁ ସହଜ କରିବ । ଶ୍ରୀ ମୋଦୀ କହିଛନ୍ତି ସିକ୍କିମର ଗ୍ରାମାଞ୍ଚଳ ଗୁଡ଼ିକରେ ୧୦୦ କିଲୋମିଟରରୁ ଅଧିକ ନୂଆ ରାସ୍ତା ନିର୍ମାଣ ହୋଇଛି ଏବଂ ଅଟଳ ସେତୁ ଯୋଗୁଁ ସିକ୍କିମ ଏବଂ ଦାର୍ଜେଲିଂର ଅଭୂତପୂର୍ବ ବିକାଶ ଘଟିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ 'ସବ୍ କା ସାଥ୍ ସବ୍ କା ବିକାଶ' ମନ୍ତ୍ରକୁ ଦୋହରାଇଛନ୍ତି । ସେ କହିଛନ୍ତି ଭାରତକୁ ବିକଶିତ କରିବାକୁ ହେଲେ ପ୍ରତ୍ୟେକ ରାଜ୍ୟ ଏବଂ ଅଞ୍ଚଳ ଗୁଡ଼ିକରେ ସନ୍ତୁଳିତ ବିକାଶ ଆବଶ୍ୟକ । ପ୍ରତ୍ୟେକ ରାଜ୍ୟ ଏବଂ ଅଞ୍ଚଳର ସ୍ୱତନ୍ତ୍ରତା ରହିଛି ଏବଂ କେନ୍ଦ୍ର ସରକାର ଉତ୍ତର ପୂର୍ବାଞ୍ଚଳକୁ ବିକାଶର କେନ୍ଦ୍ର ଭାବେ ଗ୍ରହଣ କରି ଆକ୍ଟ-

ଇଷ୍ଟ ନୀତି ଏବଂ ଆକ୍ଟ-ଫାଷ୍ଟ ନୀତିକୁ ଆପଣେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ୫୦ବର୍ଷ ତଳେ ସିକ୍କିମ ନିଜପାଇଁ ତା'ର ଗଣତାନ୍ତ୍ରିକ ଭବିଷ୍ୟତ ସ୍ଥିର କରିଥିଲା । ଗତ ୫୦ ବର୍ଷ ମଧ୍ୟରେ ସିକ୍କିମ ପ୍ରକୃତି ଏବଂ ପ୍ରଗତିର ମୁଳଦୁଆ ପାଲଟିଛି ।

**V/O (PM Sikkim Green Model)**

ଆଜି ସିକ୍କିମ୍‌ରେ ପ୍ରଧାନମନ୍ତ୍ରୀ ନାମ୍‌ଚି ଜିଲ୍ଲାରେ ୭୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୫୦୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଜିଲ୍ଲା ହସ୍ପିଟାଲ୍, ଗ୍ୟାଲ୍‌ସିଙ୍ଗ ଜିଲ୍ଲାର ସାଙ୍ଗାଚୋଏଲିଂଠାରେ ଏକ ଯାତ୍ରୀ ରୋପ୍‌ୱେ, ଗ୍ୟାଙ୍ଗ୍‌ଟକ୍ ଜିଲ୍ଲାର ସାଙ୍ଗ୍‌ଖୋଲାର ଅଟଳ ଅମୃତ ଉଦ୍ୟାନଠାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ । ସିକ୍କିମ୍ ରାଜ୍ୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦି ଏକ ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ୍ ଉନ୍ମୋଚନ କରିଛନ୍ତି ।

ଶ୍ରୀ ମୋଦୀ ପଶ୍ଚିମବଙ୍ଗ ଗସ୍ତ କରି ଅଲ୍ଲୀପୁରଦ୍ୱାର ଠାରେ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୁଚବେହାରଠାରେ ମଧ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପଶ୍ଚିମବଙ୍ଗରେ ୧ ହଜାର ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିହାର ଗସ୍ତ କରି ପାଟ୍‌ନା ଏୟାରପୋର୍ଟଠାରେ ଏକ ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବେ ।

ଆସନ୍ତାକାଲି ବିହାରର କାରାକାଟଠାରେ ପ୍ରଧାନମନ୍ତ୍ରୀ ୪୮ହଜାର ୫୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାତୀୟ ବହୁମୁଖୀ ବିକାଶ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ ଗସ୍ତ କରି କାନପୁରନଗର ଠାରେ ୨୦ ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ଏକ ବହୁମୁଖୀ ଉନ୍ନୟନ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

## ରାଜନାଥ-ସିଆଇଆଇ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ରାଷ୍ଟ୍ରୀୟ ସୁରକ୍ଷା ଦିଗରେ ମେକ୍ ଇନ୍ ଇଣ୍ଡିଆ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ଉଭା ହୋଇଛି ଏବଂ ଅପରେସନ ସିନ୍ଦୂର ସମୟରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ଏହା ଭାରତ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଆଜି ନୂଆଦିଲ୍ଲୀରେ ଭାରତୀୟ ଶିଳ୍ପ ମହାସଂଘ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଆତଙ୍କବାଦ ବିରୋଧରେ ଭାରତ ତା'ର ରଣନୀତିରେ ପରିବର୍ତ୍ତନ କରିଛି ।

**V/O (Rajnath Singh)**

ସେ କହିଛନ୍ତି ଭାରତ ଯଦି ଭବିଷ୍ୟରେ ପାକିସ୍ତାନ ସହିତ କଥାହେବ ତେବେ କେବଳ ଆତଙ୍କବାଦ ଏବଂ ପାକ୍ ଅଧିକୃତ କାଶ୍ମୀର ସମ୍ପର୍କରେ ଆଲୋଚନା କରିବ । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ପାକିସ୍ତାନ ଏବେ ଅନୁଭବ କରୁଛି ଯେ ଆତଙ୍କବାଦ ବ୍ୟବସାୟ ଚଳାଇବା ସହଜ ନୁହେଁ । ଏଥିପାଇଁ

ବହୁମୂଲ୍ୟ ଦେବାକୁ ପଡିଛି । ସେ କହିଛନ୍ତି ଭାରତ କେବଳ ଲଢୁଆ ଯୁଦ୍ଧବିମାନ କିମ୍ବା କ୍ଷେପଣାସ୍ତ୍ର ତିଆରି କରୁନାହିଁ, ବରଂ ନୂଆ ଯୁଗର ଯୁଦ୍ଧକୌଶଳ ପ୍ରସ୍ତୁତ କରିବା ଦିଗରେ ଅଗ୍ରସର ହେଉଛି ।

ମେକ୍ ଇନ୍ ଇଣ୍ଡିଆ ଭାରତର ପ୍ରତ୍ୟେକଟି କ୍ଷେତ୍ରରେ ବିକାଶ ପ୍ରକ୍ରିୟାକୁ ଜୋର୍‌ଦାର କରିଥିବାବେଳେ ପ୍ରତିରକ୍ଷା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଜ୍ଞାନକୌଶଳ ପ୍ରୟୋଗ କରି ବିନିର୍ମାଣ କ୍ଷେତ୍ରକୁ ସୁଦୃଢ଼ କରିଛି ।

ସେ କହିଛନ୍ତି ଏବେ ସାରା ବିଶ୍ୱରେ ଅନିଶ୍ଚିତତାର ସମୟ ଚାଲିଥିବାବେଳେ ଭାରତ ବିଭିନ୍ନ ଅଞ୍ଚଳ, ସମ୍ପ୍ରଦାୟ ଏବଂ ଅର୍ଥନୈତିକ ଶକ୍ତି କ୍ଷେତ୍ରରେ ବିଶ୍ୱାସଭାଜନ ହୋଇପାରିଛି । ଭାରତର ବାର୍ଷିକ ପ୍ରତିରକ୍ଷା ଉତ୍ପାଦନ ସବୁଠାରୁ ଅଧିକ ୧ଲକ୍ଷ ୪୬ହଜାର କୋଟି ଟଙ୍କା ଅତିକ୍ରମ କରିଛି ।

## ଅଲ୍ ପାର୍ଟି ଡେଲିଗେସନ

ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ଏବଂ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱକୁ ଅବଗତ କରାଇବା ଲାଗି ଗଠିତ ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶ ଗସ୍ତ କରିଛନ୍ତି । ଏହି କ୍ରମରେ ବିଜେପି ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ସାଉଦୀ ଆରବ ଗସ୍ତ କରିଛନ୍ତି । ପ୍ରତିନିଧି ଦଳ ସାଉଦୀ ଆରବର ବୈଦେଶିକ ରାଷ୍ଟ୍ର ମନ୍ତ୍ରୀ ଆଦେଲ ଅଲ୍ ଜୁବେର୍‌ଙ୍କୁ ସାକ୍ଷାତ୍ କରି ଭାରତର ଆତଙ୍କବାଦ ବିରୋଧୀ ନୀତି ସମ୍ପର୍କରେ

ବିସ୍ତୃତ ସୂଚନା ଦେବା ସହ ସହଯୋଗ ଲୋଡିଛନ୍ତି । କୌଣସି ପ୍ରକାରର ଆତଙ୍କବାଦକୁ ସଠିକ୍ ପ୍ରମାଣ କରାଯାଇ ପାରିବ ନାହିଁ ବୋଲି ଭାରତୀୟ ପ୍ରତିନିଧି ଦଳ କହିଛନ୍ତି । ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ଅଗ୍ରାଧିକାର ଦେଉଛି ବୋଲି ପ୍ରତିନିଧି ଦଳ ଭାରତୀୟ ପ୍ରତିପକ୍ଷଙ୍କୁ କହିଛନ୍ତି ।

ବୈଠକ ସମୟରେ ସାଉଦୀଆରବ ପ୍ରତିପକ୍ଷ ପହଲଗାମ ଘଟଣାକୁ ନିନ୍ଦା କରିବା ସହ ଆତଙ୍କବାଦର ବିରୋଧ ନିମନ୍ତେ ବିଶ୍ୱର ସମସ୍ତ ଦେଶ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରତିନିଧି ଦଳ ସେଠାକାର ଉପ ବାଚସ୍ପତି ଡକ୍ଟର ମିଶାଲ୍ ଅଲ୍ ସୁଲାମିଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିବା ଜଣାପଡିଛି ।

ପ୍ରତିନିଧି ଦଳ ଗତକାଲି ରିଆଦରେ ପହଞ୍ଚିବା ପରେ ସାଉଦୀ-ଭାରତ ସଂସଦୀୟ ବନ୍ଧୁତ୍ୱ କମିଟି ସହ ଆଲୋଚନା କରିଥିଲେ ।

ଭାରତର ସାଂସଦମାନଙ୍କୁ ନେଇ ଗଠିତ ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ୧୩ଟି ଦେଶ ଗସ୍ତ କରି ଆତଙ୍କବାଦ ବିରୋଧୀ ବାର୍ତ୍ତା ସହ ଭାରତର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରୁଛନ୍ତି ।

## ସିବିଆଇ-ସର୍ଚ୍ଚେସ

କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା ସିବିଆଇ ଗତକାଲି ଦେଶର ୧୯ଟି ସ୍ଥାନରେ ଚଢ଼ଉ କରିଛି । ଦିଲ୍ଲୀ, ହରିୟାଣା ଏବଂ ଉତ୍ତରପ୍ରଦେଶର ୧୯ଟି ସ୍ଥାନରେ ଚଢ଼ଉ କରି ସିବିଆଇ ୨ଟି ବେନିୟମ କଲ୍ ସେଣ୍ଟର ଠାବ କରିବା ସହ

୬ଜଣ ଲୋକଙ୍କୁ ଗିରଫ କରିଛି । ସମ୍ପୃକ୍ତ କଲ୍ ସେଣ୍ଟର ଗୁଡ଼ିକରୁ ଜାପାନ ଦେଶର ନାଗରିକମାନଙ୍କୁ ଲକ୍ଷ କରାଯାଇ ଅର୍ଥ ଆଦାୟ ନିମନ୍ତେ ଯୋଜନା କରାଯାଉଥିଲା । ମାଇକ୍ରୋସଫ୍ଟ ସଫ୍ଟୱେୟାର ସହାୟତାରେ ସମ୍ପୃକ୍ତ ନାଗରିକମାନଙ୍କୁ ସେମାନେ ବ୍ୟବହାର କରୁଥିବା ମୋବାଇଲ୍ ଓ ଲାପ୍‌ଟପରେ ବେନିୟମ କାର୍ଯ୍ୟ ହୋଇଥିବା ଦର୍ଶାଇ ଅର୍ଥ ଆଦାୟ କରାଯାଉଥିଲା । ସିବିଆଇ, ଜାପାନ ନ୍ୟାସନାଲ ପଲିସି ଏଜେନ୍ସି ଏବଂ ମାଇକ୍ରୋସଫ୍ଟ କର୍ପୋରେସନ ସହାୟତାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଠାବ କରିଥିଲା ।

## ଫରେନ୍ସ ସେକ୍ରେଟାରୀ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ସହ ଜାତୀୟ ସୁରକ୍ଷା ଏଜେନ୍ସୀର ଉପସଚିବ ପବନ କାପୁର ଭାରତ-ଆମେରିକା କମ୍ପାକ୍ଟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି । କମ୍ପାକ୍ଟ ହେଉଛି ଭାରତ-ଆମେରିକା ସାମରିକ ଭାଗିଦାରିତା ଏବଂ ବ୍ୟବସାୟ ଓ ଜ୍ଞାନକୌଶଳ ସମ୍ପର୍କିତ କାର୍ଯ୍ୟକ୍ରମ । ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଆଲୋଚନାରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ, ଶକ୍ତି ଏବଂ କ୍ୱାଡ୍‌କୁ ସୁଦୃଢ଼ କରିବା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି । ବୈଦେଶିକ ସଚିବ ଶ୍ରୀ ମିଶ୍ରୀ ଆମେରିକାର ଉପସଚିବଙ୍କ ସହ ଆଲୋଚନା କରିଥିବା

ଜଣାପଡିଛି । ଏଥିରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବୁଝାମଣାକୁ କାର୍ଯ୍ୟକାରୀ କରିବା ଏବଂ ଉଭୟ ଦେଶ ମଧ୍ୟରେ ଭାଗିଦାରୀତାକୁ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିବା ଜଣାପଡିଛି ।

## ପ୍ରେଜ୍-ଲିଟେରାରୀ କନ୍‌ଫରେନ୍ସ

ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଦୁଇଦିନିଆ ସମ୍ମିଳନୀରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ ପରିବର୍ତ୍ତନ ଏବଂ ବିଶ୍ୱ ଦୃଷ୍ଟିକୋଣରେ ଭାରତୀୟ ସାହିତ୍ୟର ନୂତନ ଦିଗ୍‌ଦର୍ଶନ ସଂକ୍ରାନ୍ତ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । ଦେବୀ ଅହଲ୍ୟା ବାଈ ହୋଲ୍‌କରଙ୍କ କାହାଣୀ ସହିତ ଏହି ସମ୍ମିଳନୀ ଉଦ୍‌ଯାପିତ ହେବ । ସାହିତ୍ୟ ଏକାଡେମୀ ସହଯୋଗରେ ରାଷ୍ଟ୍ରପତି ଭବନରେ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଉଛି । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏବଂ ଦେଶର ବିଶିଷ୍ଟ ସାହିତ୍ୟିକମାନେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେବ । ପ୍ରଥମ କ୍ୱାଲିଫାୟର୍‌ରେ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ’ ପଞ୍ଜାବ କିଙ୍ଗସ୍ ସହ ମୁକାବିଲା କରିବ ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମହାରାଜା ଯଜବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଆସନ୍ତାକାଲି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା ଜୁନ୍ ୧ତାରିଖ ରବିବାର ଦିନ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍ ଏବଂ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।